# .. ଶ୍ରୀମଦ୍ଭଗବଦ୍ଗୀତା ଚତୁର୍ଦଶୋଽଧ୍ୟାୟଃ (ଗୁଣତ୍ରୟବିଭାଗଯୋଗଃ) ..

CHAPTER 14
THREE GUNAS OF NATURE

## ଅଥ ଚତୁର୍ଦଶୋଽଧ୍ୟାୟଃ . ଗୁଣତ୍ରୟବିଭାଗଯୋଗଃ

**ଶ୍ରୀଭଗବାନୁବାଚ .**

**ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ .**

**ୟଜ୍ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ .. ୧୪-୧..**

ଶ୍ରୀଭଗବାନ୍ କହିଲେ---- ଜ୍ଞାନମାନଙ୍କ ମଧ୍ୟରେ ଅତି ଉତ୍ତମ ସେହି ପରମ ଜ୍ଞାନ ମୁଁ ତୁମକୁ ପୁନର୍ବାର କହିବି, ଯାହା ଜାଣି ସକଳ ମୁନିଜନ ଏହି ସଂସାରରୁ ମୁକ୍ତ ହୋଇ ପରମ ସିଦ୍ଧି ପ୍ରାପ୍ତ ହୋଇଛନ୍ତି ||୧୪-୦୧ ||

The Supreme Lord said: I shall further explain to you that supreme knowledge, the best of all knowledge, knowing that all the sages have attained supreme perfection after this life. (14.01)

**ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ .**

**ସର୍ଗେଽପି ନୋପଜାୟଂତେ ପ୍ରଲୟେ ନ ବ୍ୟଥଂତି ଚ .. ୧୪-୨..**

ଏହି ଜ୍ଞାନକୁ ଆଶ୍ରୟ କରି ଅର୍ଥାତ୍ ଧାରଣ କରି ମୋର ସ୍ୱରୂପ ପ୍ରାପ୍ତ ହୋଇଥିବା ପୁରୁଷମାନେ ସୃଷ୍ଟିର ଆରମ୍ଭରେ ପୁନର୍ବାର ଉତ୍ପନ୍ନ ହୁଅନ୍ତି ନାହିଁ, କି ପ୍ରଳୟକାଳରେ ବି ବ୍ୟଥିତ ହୁଅନ୍ତି ନାହିଁ | ||୧୪-୦୨||

Those who have taken refuge in this knowledge attain unity with Me, and are neither born at the time of creation nor afflicted at the time of dissolution. (14.02)

**ମମ ଯୋନିର୍ମହଦ୍ ବ୍ରହ୍ମ ତସ୍ମିନ୍ଗର୍ଭଂ ଦଧାମ୍ୟହମ୍ .**

**ସଂଭବଃ ସର୍ବଭୂତାନାଂ ତତୋ ଭବତି ଭାରତ .. ୧୪-୩..**

ହେ ଅର୍ଜୁନ! ମୋର ମହତ୍--ବ୍ରହ୍ମରୂପକ ମୂଳପ୍ରକୃତି ହେଉଛି ସକଳ ଭୂତଙ୍କର ଯୋନି ଅର୍ଥାତ୍ ଗର୍ଭାଧାନର ସ୍ଥାନ ଏବଂ ମୁଁ ସେହି ଯୋନିରେ ଚେତନ-ସମୁଦାୟରୂପକ ଗର୍ଭ ସ୍ଥାପନ କରିଥାଏ | ସେହି ଜଡ-ଚେତନର ସଂଯୋଗରୁ ସମସ୍ତ ଭୂତଗଣଙ୍କର ଉତ୍ପତ୍ତି ହୁଏ ||୧୪-୦୩ ||

*O Arjuna, My Prakriti (or the material nature) is the womb wherein I place the seed (of spirit or Purusha) from which all beings are born. (See also 9.10) (14.03)*

## ସର୍ବଯୋନିଷୁ କୌଂତେୟ ମୂର୍ତୟଃ ସଂଭବଂତି ୟାଃ .
## ତାସାଂ ବ୍ରହ୍ମ ମହଦ୍ୟୋନିରହଂ ବୀଜପ୍ରଦଃ ପିତା .. ୧୪-୪..

ହେ ଅର୍ଜୁନ! ନାନାପ୍ରକାର ଯୋନିରେ ଯେତେସବୁ ଶରୀରଧାରୀ ପ୍ରାଣୀ ଉତ୍ପନ୍ନ ହୁଅନ୍ତି, ମୂଳପ୍ରକୃତି ହେଉଛି ସେହି ସମସ୍ତଙ୍କର ଗର୍ଭଧାରଣ କରୁଥିବା ମାତା ଏବଂ ମୁଁ ହେଉଛି ବୀଜ ସ୍ଥାପନ କରୁଥିବା ପିତା ||୧୪-୦୪ ||

Whatever forms are produced in all different wombs, O Arjuna, the great Prakriti is their (body-giving) mother, and the Purusha is the (seed or life-giving) father. (14.04)

## ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସଂଭବାଃ .
## ନିବଧ୍ନଂତି ମହାବାହୋ ଦେହେ ଦେହିନମବ୍ୟୟମ୍ .. ୧୪-୫..

ହେ ଅର୍ଜୁନ! ପ୍ରକୃତିରୁ ଉତ୍ପନ୍ନ ହୋଇଥିବା ସତ୍ତ୍ୱ, ରଜ ଓ ତମ--ଏହି ତିନିଗୁଣ ଅବିନାଶୀ ଜୀବାତ୍ମାକୁ ଶରୀରରେ ବାନ୍ଧିରଖନ୍ତି ||୧୪-୦୫ ||

*Sattva or goodness, Rajas or activity, and Tamas or inertia; these three Gunas (or states) of mind (or Prakriti) bind the imperishable soul to the body, O Arjuna. (14.05)*

## ତତ୍ର ସତ୍ତ୍ୱଂ ନିର୍ମଲତ୍ୱାତ୍ପ୍ରକାଶକମନାମୟମ୍ .
## ସୁଖସଂଗେନ ବଧ୍ନାତି ଜ୍ଞାନସଂଗେନ ଚାନଘ .. ୧୪-୬..

ହେ ନିଷ୍ପାପ! ସେହି ତିନିଗୁଣମଧ୍ୟରୁ ସତ୍ତ୍ୱଗୁଣ ନିର୍ମଳ ହୋଇଥିବାରୁ ପ୍ରକାଶକ ଓ ବିକାରରହିତ ଅଟେ; କିନ୍ତୁ ତାହା ସୁଖ ସମ୍ବନ୍ଧଦ୍ୱାରା ଓ ଜ୍ଞାନସମ୍ବନ୍ଧଦ୍ୱାରା ଅର୍ଥାତ୍ ଜ୍ଞାନର ଅଭିମାନଦ୍ୱାରା ବନ୍ଧନ କରେ ||୧୪-୦୬ ||

*Of these, Sattva, being calm, is illuminating and ethical. It fetters the embodied being, the Jeevaatma or Purusha, by attachment to happiness and knowledge, O Arjuna. (14.06)*

## ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଂଗସମୁଦ୍ଭବମ୍ .
## ତନ୍ନିବଧ୍ନାତି କୌଂତେୟ କର୍ମସଂଗେନ ଦେହିନମ୍ .. ୧୪-୭..

ହେ ଅର୍ଜୁନ! ରାଗରୂପୀ ରଜୋଗୁଣ କାମନା ଓ ଆସକ୍ତିରୁ ଉତ୍ପନ୍ନ ହୁଏ ବୋଲି ଜାଣ | ତାହା ଏହି ଜୀବାତ୍ମାକୁ କର୍ମ ଓ କର୍ମଫଳ ସହିତ ଥିବା ସମ୍ବନ୍ଧଦ୍ୱାରା ବନ୍ଧନ କରେ ||୧୪-୦୭ ||

*O Arjuna, know that Rajas is characterized by intense (selfish) activity and is born of desire and attachment. It binds the Jeeva by attachment to the fruits of work. (14.07)*

## ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ .
## ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ .. ୧୪-୮..

କିନ୍ତୁ ହେ ଅର୍ଜୁନ! ସମସ୍ତ ଦେହାଭିମାନୀଙ୍କୁ ମୋହିତ କରୁଥିବା ତମୋଗୁଣ ଅଜ୍ଞାନରୁ ଉତ୍ପନ୍ନ ବୋଲି ଜାଣ | ତାହା ଏହି ଜୀବାତ୍ମାକୁ ପ୍ରମାଦ, ଆଳସ୍ୟ ଓ ନିଦ୍ରାଦ୍ୱାରା ବନ୍ଧନ କରେ ||୧୪-୦୮ ||

Know, O Arjuna, that Tamas, the deluder of Jeeva, is born of inertia. It binds by ignorance, laziness, and (excessive) sleep. (14.08)

**ସତ୍ତ୍ୱଂ ସୁଖେ ସଂଜୟତି ରଜଃ କର୍ମଣି ଭାରତ .**

**ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଂଜୟତ୍ୟୁତ .. ୧୪-୯..**

ହେ ଅର୍ଜୁନ! ସତ୍ତ୍ୱଗୁଣ ସୁଖରେ ଲଗାଏ ଓ ରଜୋଗୁଣ କର୍ମରେ ଲଗାଏ | ତମୋଗୁଣ ତ ଜ୍ଞାନକୁ ଆଚ୍ଛାଦିତ କରି ପ୍ରମାଦରେ ବି ଲଗାଇଥାଏ | ||୧୪-୦୯ ||

*O Arjuna, Sattva attaches one to happiness, Rajas to action, and Tamas to ignorance by covering the knowledge. (14.09)*

**ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ .**

**ରଜଃ ସତ୍ତ୍ୱଂ ତମଶ୍ଚୈବ ତମଃ ସତ୍ତ୍ୱଂ ରଜସ୍ତଥା .. ୧୪-୧୦..**

ହେ ଅର୍ଜୁନ! ରଜୋଗୁଣ ଓ ତମୋଗୁଣକୁ  ଚାପିଦେଇ ସତ୍ତ୍ୱଗୁଣ ବର୍ଦ୍ଧିତ ହୁଏ; ସତ୍ତ୍ୱଗୁଣ ଓ ତମୋଗୁଣକୁ ଚାପିଦେଇ ରଜୋଗୁଣ ବର୍ଦ୍ଧିତ ହୁଏ ଓ ସେହିପରି ସତ୍ତ୍ୱଗୁଣ ଓ ରଜୋଗୁଣକୁ ଚାପିଦେଇ ତମୋଗୁଣ ବର୍ଦ୍ଧିତ ହୁଏ ||୧୪-୧୦ ||*

Sattva dominates by suppressing Rajas and Tamas; Rajas dominates by suppressing Sattva and Tamas; and Tamas dominates by suppressing Sattva and Rajas, *O Arjuna*. (14.10)

**ସର୍ବଦ୍ୱାରେଷୁ ଦେହେଽସ୍ମିନ୍ପ୍ରକାଶ ଉପଜାୟତେ .**

**ଜ୍ଞାନଂ ଯଦା ତଦା ବିଦ୍ୟାଦ୍ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ .. ୧୪-୧୧..**

ଯେତେବେଳେ ଏହି ଦେହରେ ତଥା ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କରେ ଚେତନା ଏବଂ ବିବେକଶକ୍ତି ଉତ୍ପନ୍ନ ହୁଏ, ସେତେବେଳେ ଜାଣିବା ଉଚିତ ଯେ, ସତ୍ତ୍ୱଗୁଣ ବଢ଼ିଛି ||୧୪-୧୧ ||

When the lamp of knowledge shines through all the (nine) gates of the body, then it should be known that Sattva is predominant. (14.11)

**ଲୋଭଃ ପ୍ରବୃତ୍ତିରାରଂଭଃ କର୍ମଣାମଶମଃ ସ୍ପୃହା .**

**ରଜସ୍ୟେତାନି ଜାୟଂତେ ବିବୃଦ୍ଧେ ଭରତର୍ଷଭ .. ୧୪-୧୨..**

ହେ ଅର୍ଜୁନ! ରଜୋଗୁଣର ବୃଦ୍ଧି ଘଟିଲେ ଲୋଭ, ପ୍ରବୃତ୍ତି, ସ୍ୱାର୍ଥବୁଦ୍ଧିପୂର୍ବକ ସକାମଭାବରେ କର୍ମାଚରଣ, ଅଶାନ୍ତି ଓ ବିଷୟଭୋଗର ଲାଳସା-- ଏସବୁ ଉତ୍ପନ୍ନ ହୁଏ ||୧୪-୧୨ ||

Greed, activity, restlessness, passion, and undertaking of (selfish) works arise when Rajas is predominant, *O Arjuna*. (14.12)

**ଅପ୍ରକାଶୋଽପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ .**

**ତମସ୍ୟେତାନି ଜାୟଂତେ ବିବୃଦ୍ଧେ କୁରୁନଂଦନ .. ୧୪-୧୩..**

ହେ ଅର୍ଜୁନ! ତମୋଗୁଣ ବୃଦ୍ଧି ହେଲେ ଅନ୍ତଃକରଣରେ ଓ ଇନ୍ଦ୍ରିୟମାନଙ୍କରେ ଅପ୍ରକାଶ, କର୍ତ୍ତବ୍ୟକର୍ମରେ ଅପ୍ରବୃତ୍ତି ଓ ପ୍ରମାଦ ଅର୍ଥାତ୍ ବ୍ୟର୍ଥଚେଷ୍ଟା ଏବଂ ନିଦ୍ରାଦି ଅନ୍ତଃକରଣର ମୋହିନୀ ବୃତ୍ତି ଉତ୍ପନ୍ନ ହୁଅନ୍ତି ||୧୪-୧୩ ||

Ignorance, inactivity, carelessness, and delusion arise when Tamas is predominant, *O Arjuna*. (14.13)

**ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଲୟଂ ଯାତି ଦେହଭୃତ୍ .**

**ତଦୋତ୍ତମବିଦାଂ ଲୋକାନମଲାନ୍ପ୍ରତିପଦ୍ୟତେ .. ୧୪-୧୪..**

ଯେତେବେଳେ ଏହି ମନୁଷ୍ୟ ସତ୍ତ୍ୱଗୁଣବୃଦ୍ଧିରେ ମୃତ୍ୟୁ ପ୍ରାପ୍ତ ହୁଏ, ସେତେବେଳେ ସେ ଉତ୍ତମ କର୍ମ କରୁଥିବା ପୁରୁଷମାନଙ୍କର ଦିବ୍ୟ ସ୍ୱର୍ଗାଦି ଲୋକ ପ୍ରାପ୍ତ ହୁଏ ||୧୪-୧୪ ||

One who dies during the dominance of Sattva goes to heaven, the pure world of the knowers of Supreme. (14.14)

**ରଜସି ପ୍ରଲୟଂ ଗତ୍ୱା କର୍ମସଂଗିଷୁ ଜାୟତେ .**

**ତଥା ପ୍ରଲୀନସ୍ତମସି ମୂଢଯୋନିଷୁ ଜାୟତେ .. ୧୪-୧୫..**

ରଜୋଗୁଣବୃଦ୍ଧିରେ ମରୁଥିବା ମନୁଷ୍ୟ କର୍ମାସକ୍ତ ମନୁଷ୍ୟମାନଙ୍କ ମଧ୍ୟରେ ଜନ୍ମ ହୁଏ ତଥା ତମୋଗୁଣବୃଦ୍ଧିରେ ମରୁଥିବା ମନୁଷ୍ୟ ପଶୁ, କୀଟ ଆଦି ମୂଢଯୋନିମାନଙ୍କରେ ଜନ୍ମ ହୁଏ ||୧୪-୧୫ ||

When one dies during the dominance of Rajas, one is reborn as attached to action (or the utilitarian type); and dying in Tamas, one is reborn as ignorant (or lower creatures). (14.15)

**କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଲଂ ଫଲମ୍ .**

**ରଜସସ୍ତୁ ଫଲଂ ଦୁଃଖମଜ୍ଞାନଂ ତମସଃ ଫଲମ୍ .. ୧୪-୧୬..**

ଶ୍ରେଷ୍ଠ କର୍ମରୁ ସାତ୍ତ୍ୱିକ ଅର୍ଥାତ୍ ସୁଖ, ଜ୍ଞାନ ଓ ବୈରାଗ୍ୟାଦି ନିର୍ମଳ ଫଳ ମିଳେ ବୋଲି କହନ୍ତି; ରାଜସକର୍ମର ଫଳ ଦୁଃଖ ଏବଂ ତାମସକର୍ମର ଫଳ ଅଜ୍ଞାନ ବୋଲି କହନ୍ତି ||୧୪-୧୬ ||

The fruit of good action is said to be Saattvika and pure, the fruit of Raajasika action is pain, and the fruit of Taamasika action is ignorance. (14.16)

**ସତ୍ତ୍ୱାତ୍ସଂଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ .**

**ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ .. ୧୪-୧୭..**

ସତ୍ତ୍ୱଗୁଣରୁ ଜ୍ଞାନ ଉତ୍ପନ୍ନ ହୁଏ ଏବଂ ରଜୋଗୁଣରୁ ନିଃସନ୍ଦେହରେ ଲୋଭ ତଥା ତମୋଗୁଣରୁ ପ୍ରମାଦ, ମୋହ ଏବଂ ଅଜ୍ଞାନ ମଧ୍ୟ ଉତ୍ପନ୍ନ ହୁଏ ||୧୪-୧୭ ||

Knowledge arises from Sattva; desires arise from Rajas; and negligence, delusion, and ignorance arise from Tamas. (14.17)

ଊର୍ଧ୍ୱଂ ଗଚ୍ଛଂତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠଂତି ରାଜସାଃ .

ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛଂତି ତାମସାଃ .. ୧୪-୧୮..

ସତ୍ତ୍ୱଗୁଣରେ ସ୍ଥିତ ପୁରୁଷମାନେ ସ୍ୱର୍ଗାଦି ଉଚ୍ଚଲୋକମାନଙ୍କୁ ଯାଆନ୍ତି; ରଜୋଗୁଣରେ ସ୍ଥିତ ରାଜସପୁରୁଷମାନେ ମଧ୍ୟରେ ଅର୍ଥାତ୍ ମନୁଷ୍ୟଲୋକରେ ହିଁ ରହନ୍ତି ଏବଂ ତମୋଗୁଣର କାର୍ଯ୍ୟରୂପୀ ନିଦ୍ରା, ପ୍ରମାଦ ଓ ଆଳସ୍ୟାଦିରେ ସ୍ଥିତ ତାମସପୁରୁଷମାନେ ଅଧୋଗତି ଅର୍ଥାତ୍ କୀଟ, ପଶୁ ଆଦି ନୀଚଯୋନି ତଥା ନରକ ପ୍ରାପ୍ତ ହୁଅନ୍ତି ||୧୪-୧୮ ||

Those who are established in Sattva go to heaven; Raajasika persons are reborn in the mortal world; and the Taamasika persons, abiding in the lowest Guna, go to hell (or born as lower creatures). (14.18)

ନାନ୍ୟଂ ଗୁଣେଭ୍ୟଃ କର୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି .

ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍ଭାବଂ ସୋଽଧିଗଚ୍ଛତି .. ୧୪-୧୯..

ଯେତେବେଳେ ସାକ୍ଷୀରୂପେ ସ୍ଥିତ ଦ୍ରଷ୍ଟା ବିବେକୀ ପୁରୁଷ ତିନିଗୁଣଠାରୁ ଭିନ୍ନ ଅନ୍ୟ କାହାକୁ କର୍ତ୍ତା ବୋଲି ଦେଖନ୍ତି ନାହିଁ ଏବଂ ତିନିଗୁଣଠାରୁ ସର୍ବଥା ଅତୀତ ହୋଇ ରହିଥିବା ସଚ୍ଚିଦାନନ୍ଦଘନସ୍ୱରୂପ ମୋତେ ଅର୍ଥାତ୍ ପରମାତ୍ମାଙ୍କୁ ତତ୍ତ୍ୱତଃ ଜାଣନ୍ତି, ସେତେବେଳେ ସେ ମୋର ସ୍ୱରୂପ ପ୍ରାପ୍ତ ହୁଅନ୍ତି | ||୧୪-୧୯ ||

When visionaries perceive no doer other than the Gunas (or the power of Brahman), and know That which is above and beyond the Gunas; then they attain nirvana. (See also 3.27, 5.09, and 13.29) (14.19)

ଗୁଣାନେତାନତୀତ୍ୟ ତ୍ରୀଂଦେହୀ ଦେହସମୁଦ୍ଭବାନ୍ .

ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ .. ୧୪-୨୦..

ସେହି ପୁରୁଷ ଶରୀର-ଉତ୍ପତ୍ତିର କାରଣରୂପ ଏହି ତିନି ଗୁଣକୁ ଅତିକ୍ରମ କରି, ଜନ୍ମ, ମୃତ୍ୟୁ, ବାର୍ଦ୍ଧକ୍ୟ ଓ ସକଳପ୍ରକାର ଦୁଃଖରୁ ବିମୁକ୍ତ ହୋଇ ପରମାନନ୍ଦ ପ୍ରାପ୍ତ ହୁଅନ୍ତି ||୧୪-୨୦ ||

When one transcends (or rises above) the three Gunas that originate in the mind; one is freed from birth, old age, disease, and death; and attains nirvana. (14.20)

ଅର୍ଜୁନ ଉବାଚ .

କୈର୍ଲିଂଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ .

କିମାଚାରଃ କଥଂ ଚୈତାଂସ୍ତ୍ରୀନ୍ଗୁଣାନତିବର୍ତତେ .. ୧୪-୨୧..

ଅର୍ଜୁନ ପଚାରିଲେ -- ଏହି ତିନି ଗୁଣରୁ ଅତୀତ ପୁରୁଷ କେଉଁ କେଉଁ ଲକ୍ଷଣରେ ଯୁକ୍ତ ହୁଅନ୍ତି ଏବଂ କେଉଁପ୍ରକାର ଆଚରଣଯୁକ୍ତ ହୁଅନ୍ତି?  ତଥା ହେ ପ୍ରଭୁ ! ମନୁଷ୍ୟ କେଉଁ ଉପାୟରେ ଏହି ତିନି ଗୁଣରୁ ଅତୀତ ହୋଇଥାଏ? ||୧୪-୨୧||

Arjuna said: What are the characteristics of those who have transcended the three Gunas, and what is their conduct? How does one transcend these three Gunas, O Lord Krishna? (14.21)

## ଶ୍ରୀଭଗବାନୁବାଚ .

## ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଂଡବ .

## ନ ଦ୍ଵେଷ୍ଟି ସଂପ୍ରବୃତ୍ତାନି ନ ନିବୃତ୍ତାନି କାଂକ୍ଷତି .. ୧୪-୨୨..

ଶ୍ରୀଭଗବାନ୍ କହିଲେ -- ହେ ଅର୍ଜୁନ, ଯେଉଁ ପୁରୁଷ ସତ୍ତ୍ୱଗୁଣର କାର୍ଯ୍ୟରୂପୀ ପ୍ରକାଶ ଏବଂ ରଜୋଗୁଣର କାର୍ଯ୍ୟରୂପୀ ପ୍ରବୃତ୍ତି ତଥା ତମୋଗୁଣର କାର୍ଯ୍ୟରୂପୀ ମୋହ ପ୍ରବୃତ୍ତ ହେଲେ (ଆସିଗଲେ) ସେଗୁଡିକ ଦ୍ଵେଷ କରନ୍ତି ନାହିଁ, କି ନିବୃତ୍ତ ହେଲେ (ଚାଲିଗଲେ) ସେଗୁଡିକ ଆକାଙ୍କ୍ଷା କରନ୍ତି ନାହିଁ, ...||୧୪-୨୨||

The Supreme Lord said: One who neither hates the presence of enlightenment, activity, and delusion nor desires for them when they are absent; and (14.22)

## ଉଦାସୀନବଦାସୀନୋ ଗୁଣୈର୍ୟୋ ନ ବିଚାଲ୍ୟତେ .

## ଗୁଣା ବର୍ତଂତ ଇତ୍ୟେବଂ ୟୋଽବତିଷ୍ଠତି ନେଂଗତେ .. ୧୪-୨୩..

ଯେ ସାକ୍ଷୀଙ୍କ ସଦୃଶ ସ୍ଥିତ ରହି ଗୁଣମାନଙ୍କ ଦ୍ଵାରା ବିଚାଳିତ  ହୁଅନ୍ତି ନାହିଁ ଓ ଗୁଣମାନେ ହିଁ ଗୁଣମାନଙ୍କରେ ପ୍ରବୃତ୍ତ ହେଉଛନ୍ତି ଜାଣି ଯେ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ଏକୀଭାବରେ ଅବସ୍ଥିତ ହୁଅନ୍ତି ଏବଂ ସେହି ସ୍ଥିତିରୁ କଦାପି ବିଚଳିତ ହୁଅନ୍ତି ନାହିଁ, ..||୧୪-୨୩||

The one who remains like a witness; who is not moved by the Gunas, thinking that the Gunas only are operating; who stands firm and does not waver; and (14.23)

## ସମଦୁଃଖସୁଖଃ ସ୍ଵସ୍ଥଃ ସମଲୋଷ୍ଟାଶ୍ମକାଂଚନଃ .

## ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିଂଦାତ୍ମସଂସ୍ତୁତିଃ .. ୧୪-୨୪..

ଯେ ନିରନ୍ତର ଆତ୍ମଭାବରେ ସ୍ଥିତ, ଯେ ଦୁଃଖ ଓ ସୁଖକୁ ସମାନ ବୋଲି ବୁଝନ୍ତି, ଯେ ମାଟି, ପଥର, ଓ ସୁନାକୁ ସମାନ ବୋଲି ମଣନ୍ତି, ଯେ ଜ୍ଞାନୀ, ଯେ ପ୍ରିୟ ଓ ଅପ୍ରିୟକୁ ସମାନ ବୋଲି ଗ୍ରହଣ କରନ୍ତି ଓ ଯେ ନିଜର ନିନ୍ଦା ଓ ସ୍ତୁତିକୁ ସମାନ ବୋଲି ବୁଝନ୍ତି, --||୧୪-୨୪||

The one who depends on the Lord and is indifferent to pain and pleasure; to whom a clod, a stone, and gold are alike; to whom the dear and the unfriendly are alike; who is of firm mind; who is calm in censure and in praise; and (14.24)

## ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ .

## ସର୍ଵାରଂଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ .. ୧୪-୨୫..

ଯେ ମାନ ଓ ଅପମାନରେ ସମ, ମିତ୍ର ଓ ଶତ୍ରୁ ପକ୍ଷରେ ବି ସମ ଏବଂ ସମସ୍ତ କର୍ମରେ କର୍ତ୍ତାପଣ-ଅଭିମାନରୁ ରହିତ, ସେହି ପୁରୁଷ ଗୁଣାତୀତ ବୋଲି କଥିତ ହୁଅନ୍ତି | ||୧୪-୨୫||

The one who is indifferent to honor and disgrace; who is the same to friend and foe; who has renounced the sense of doership; is said to have transcended the Gunas. (14.25)

## ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିୟୋଗେନ ସେବତେ .

## ସ ଗୁଣାନ୍ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଲ୍ପତେ .. ୧୪-୨୬..

ଯେଉଁ ପୁରୁଷ ଅବ୍ୟଭିଚାରୀ ଭକ୍ତିଯୋଗଦ୍ୱାର ମୋତେ ନିରନ୍ତର ଭଜନ କରନ୍ତି, ସେ ବି ଏହି ତିନି ଗୁଣକୁ ସମ୍ପୂର୍ଣ୍ଣରୂପେ ଅତିକ୍ରମ କରି ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କୁ ପ୍ରାପ୍ତ ହେବା ନିମନ୍ତେ ଯୋଗ୍ୟ ହୋଇଯାନ୍ତି ||୧୪-୨୬||

The one who offers service to Me with love and unswerving devotion transcends Gunas, and becomes fit for realizing Brahman. (See also 7.14 and 15.19) (14.26)

## ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ .

## ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାଂତିକସ୍ୟ ଚ .. ୧୪-୨୭..

କାରଣ ମୁଁ ସେହି ଅବିନାଶୀ ପରବ୍ରହ୍ମଙ୍କର ଓ ଅମୃତର ତଥା ନିତ୍ୟଧର୍ମର ଓ ଅଖଣ୍ଡ ଏକରସ ଆନନ୍ଦର ଆଶ୍ରୟ ଅଟେ ||୧୪-୨୭||

Because, I am the abode of the immortal and eternal Brahman, of everlasting Dharma, and of the absolute bliss. (14.27)

## ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ
## ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
## ଗୁଣତ୍ରୟବିଭାଗୟୋଗୋ ନାମ ଚତୁର୍ଦଶୋଽଧ୍ୟାୟଃ .. ୧୪..

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**

odia.org